# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**5 January - 2025**

**News Editor** ***: Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାୟଗଡ଼ା ରେଳମଣ୍ଡଳର ଆସନ୍ତାକାଲି ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଜଳସେଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି; କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଆଜି ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ରାଜ୍ୟସ୍ତରୀୟ ଆଦିବାସୀ ମେଳା ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆରେ ଆଜିଠାରୁ ଆରମ୍ଭ

## ରେଳମଣ୍ଡଳ ରାୟଗଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମଧ୍ୟାହ୍ନ ୧୨ ଟା ୩୦ ମିନିଟ୍ ସମୟରେ ଆଭାସୀ ମାଧ୍ୟମରେ ରାୟଗଡ଼ା ରେଳମଣ୍ଡଳର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନ୍ୟ କେତେକ ରେଳଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିବେ। ରାୟଗଡ଼ା ରେଳମଣ୍ଡଳର ମୁଖ୍ୟାଳୟ ରାୟଗଡାଠାରେ ରହିବ। ଏଥିପାଇଁ ରାୟଗଡ଼ା ରେଳମଣ୍ଡଳଠାରେ ୧୦୭ କୋଟି ଟଙ୍କା ବ୍ୟୟରେ ୧୨ ହଜାର ବର୍ଗମିଟର ପରିମିତ ଏକ ଆଧୁନିକ ମଣ୍ଡଳ କାର୍ଯ୍ୟାଳୟ ଭବନ ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେବେ। ଏ ସମ୍ପର୍କରେ ଅଧିକ ତଥ୍ୟ ଦେଉଛନ୍ତି ଆମ ରାୟଗଡ଼ା ସମ୍ବାଦଦାତା ସୀମାଞ୍ଚଳ ପଣ୍ଡା....

**- V/O –**

## ଶ୍ରେଷ୍ଠ ପାଣି ପଞ୍ଚାୟତ

ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ **ନୂଆପଡା** ଜିଲ୍ଲା ଖଡିଆଳ ବ୍ଲକ୍‌ର ଡୁମେରଜୋର ପାଣି ପଞ୍ଚାୟତ ଶ୍ରେଷ୍ଠ ପାଣି ପଞ୍ଚାୟତ ପୁରସ୍କାର ପାଇଛି। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ପାଣିପଞ୍ଚାୟତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଏବଂ ବଲାଙ୍ଗିର ଜିଲ୍ଲାର ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଚାଷୀମାନଙ୍କ ଜମିକୁ ସୁଷମ ଜଳ ଆବଣ୍ଟନ ପାଇଁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

## ପ୍ରତିଷ୍ଠା ଦିବସ-ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି, ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ବିଶ୍ୱବିଦ୍ୟାଳୟ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ରାଜ୍ୟରେ ସାମାଜିକ, ମୌଳିକ ସମସ୍ୟା ତଥା ପାନୀୟ ଜଳ, ସ୍ୱାସ୍ଥ୍ୟ, କ୍ୟାନସରର ମୁକାବିଲା, ଚାଷୀ ସମସ୍ୟା ଏବଂ ପରିବେଶ ସୁରକ୍ଷାର ସମାଧାନ ବାହାର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦେଶକୁ ସ୍ୱାଧୀନତା ଦେବାରେ ସମ୍ବଲପୁର ସମେତ ଓଡ଼ିଶାର ପଶ୍ଚିମାଞ୍ଚଳର ଅବଦାନ ଅତୁଳନୀୟ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏକ ଶୈକ୍ଷିକ ଗବେଷଣା ଓ ନବସୃଜନର କେନ୍ଦ୍ରବିନ୍ଦୁ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ମାଧ୍ୟମରେ ସାମଗ୍ରୀକ ବିକାଶ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଡକ୍ଟର ପ୍ରତିଭା ଶତପଥୀଙ୍କୁ ଗଙ୍ଗାଧର ଜାତୀୟ କବିତା ପୁରସ୍କାରରେ ସମ୍ମାନିତ କରାଯାଇଛି।

## ସୁନା ଲୁଟ୍ – ସହାୟତା ଘୋଷଣା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ପାଣିକୋଇଲି ଗୁଳିକାଣ୍ଡ ଘଟଣାରେ ସହାୟତା ରାଶି ଘୋଷଣା କରିଛନ୍ତି। ୨ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ସହ ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତକାଲି ପାଣିକୋଇଲିରେ ଏକ ଅଳଙ୍କାର ଦୋକାନରେ ସଶସ୍ତ୍ର ଡକାୟତି କରି ଡକାୟତମାନେ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକ ଏବଂ ଦୋକାନର କର୍ମଚାରୀ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଡକାୟତଙ୍କ ଗୁଳିରେ ଜଣେ ଅଳଙ୍କାର ଦୋକାନ କର୍ମଚାରୀଙ୍କ

ସମେତ ଅନ୍ୟଜଣକର ପ୍ରାଣହାନୀ ଘଟିଥିଲା । ଏହି ଘଟଣାରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦେହରେ ମଧ୍ୟ ଗୁଳି ବାଜିଥିଲା । ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସମ୍ପର୍କରେ ପୁଲିସ୍ ଅଧିକ ଅନୁସନ୍ଧାନ କରୁଛି ।

## ମାଧୋସିଂ ହାତଖର୍ଚ୍ଚ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ସହିଦ୍ ମାଧୋସିଂ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧିନରେ ଜନଜାତି ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ୍ ଖାତାକୁ ଚଳିତ ଶିକ୍ଷାବର୍ଷରେ ଏକକାଳୀନ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଏହି ଯୋଜନାରେ ୧୫୬ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଏହାଦ୍ୱାରା ପ୍ରାୟ ୩ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ ।

ଆମ ନବରଙ୍ଗପୁର ସମ୍ବାଦଦାତା ଜଣାଇଛନ୍ତି, ଜିଲ୍ଲାରେ  ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ବର୍ତ୍ତମାନସୁଦ୍ଧା ୭ ହଜାର ୮୦୮ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଥିବାବେଳେ ଏହି ଯୋଜନା ଦ୍ୱାରା ସେମାନେ ବିଶେଷ ଉପକୃତ ହେବେ ।

## ଆଦିବାସୀ ମେଳା

ରାଜ୍ୟସ୍ତରୀୟ ଆଦିବାସୀ ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ଭୁବନେଶ୍ୱର ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ  ଆଜିଠାରୁ ଆସନ୍ତା ୧୬ ତାରିଖ ଯାଏଁ ଏହି ମେଳା ଚାଲିବ ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଏହି ମେଳାର ଆୟୋଜନ କରାଯାଇଛି। ମେଳାରେ ୧୮୯ଟି ଷ୍ଟଲ୍ ଖୋଲାଯାଇଛି। ଜନଜାତି ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା କରାଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ଭଗବାନ ବିର୍ସା ମୁଣ୍ଡା ପାଭେଲିୟନ୍ ମେଳା ପରିସରରେ ନିର୍ମିତ ହୋଇଛି।

ସେହିପରି ପ୍ରବାସୀ ଭାରତୀୟ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ବିଡିଏ ପକ୍ଷରୁ ଏକାମ୍ର ଉତ୍ସବ ଆଜିଠାରୁ ମଧ୍ୟ ଆରମ୍ଭ ହେଉଛି।

## ପ୍ରବାସୀ ଭାରତୀୟ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ କଟକ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ପଥୋତ୍ସବରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଦୁର୍ଗଠାରୁ ନ୍ୟାୟ ସଂଗ୍ରହାଳୟ ପର୍ଯ୍ୟନ୍ତ ସଡକରେ ଅନୁଷ୍ଠିତ ପଥୋତ୍ସବରେ ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାଷ ଚନ୍ଦ୍ର ସିଂ, ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀ ଓ କର୍ପୋରେଟର ପ୍ରମୁଖ ଉପସ୍ଥିତ ରହିଥିଲେ। ସକାଳେ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଂଗୀତ ପରିବେଷଣ ହୋଇଥିବାବେଳେ ବିଭିନ୍ନ ପ୍ରତିଯୋଗିତା, ବାଲୁକାକଳା, ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଦସ୍ତଖତ ସଂଗ୍ରହ ଅନୁଷ୍ଠିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ଜନସାଧାରଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅପରାହ୍ଣରେ ପିଲାମାନଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଗୁଡ଼ି ଉଡାଇବାର ମଜା ଉପଭୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରବାସୀ ଭାରତୀୟ ଦିବସ ଅବସରରେ ପ୍ରବାସୀ ଭାରତୀୟମାନେ କଟକ ଗସ୍ତରେ ଆସି ବିଭିନ୍ନ ଐତିହାସିକ ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ସାରସ୍ୱତ ସମାରୋହ

କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ସାହିତ୍ୟ ପରିଷଦର ଚତୁର୍ବିଂଶ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ବିଶିଷ୍ଟ ପ୍ରାବନ୍ଧିକ, ସ୍ତମ୍ଭକାର ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡକ୍ଟର ଅପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଚଳିତବର୍ଷର ମର୍ଯ୍ୟାଦାଜନକ ଶ୍ରୀବଳଦେବ ସମ୍ମାନ କବି ଅଶ୍ୱିନୀ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା ।

## ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

ଓଡିଶା ଉଚ୍ଚ ନ୍ୟାୟାଳୟ ଆନୁକୂଲ୍ୟରେ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଗତକାଲିଠାରୁ ଆରମ୍ଭ ହୋଇଥିବା ପ୍ରଥମ ସର୍ବଭାରତୀୟ ଜଜେସ୍ ବ୍ୟାଡମିଣ୍ଟନ ଚାମ୍ପିଆନସିପ୍ ଆଜି ଉଦଯାପିତ ହୋଇଛି । ଆଜି ଅନୁଷ୍ଠିତ ଫାଇନାଲର ଏକକ ବର୍ଗରେ କେରଳ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.କେ.ଥୋମାସ୍ ଏବଂ ଯୁଗ୍ମ ବର୍ଗରେ ଜଷ୍ଟିସ୍ ବି.କେ.ଥୋମାସ୍ ଏବଂ ଜଷ୍ଟିସ୍ ରାଜା ବିଜୟ ରାଘବନ୍ ଚାମ୍ପିଅନ୍ ହୋଇଛନ୍ତି । ବି.କେ. ଥୋମାସ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କେରଳର ଜଷ୍ଟିସ୍ ରାଜା ବିଜୟ ରାଘବନ୍‌ଙ୍କୁ ୨୧/୧୭, ୨୧/୧୨ରେ ପରାସ୍ତ କରିଥିବାବେଳେ ଯୁଗ୍ମ ବର୍ଗରେ ମାଡ୍ରାସ୍ ହାଇକୋର୍ଟର ଜଷ୍ଟିସ୍ ଜି.କେ.ଇଲାନ୍ଥିରାୟନ୍ ଏବଂ ଏନ୍. ସତୀଶକୁମାରଙ୍କୁ ୨୧/୫, ୨୧/୧୦ରେ ପରାସ୍ତ କରିଥିଲେ । ଉଦ୍‌ଯାପନୀ

ଉତ୍ସବରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କ ସମେତ ହାଇକୋର୍ଟର ବିଚାରପତିମାନେ ଯୋଗଦେଇଥିଲେ ।

## ପାଣିପାଗ

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, କଳାହାଣ୍ଡି, କେନ୍ଦୁଝର, ଗଞ୍ଜାମ ଜିଲ୍ଲାର କେତେକ ଅଞ୍ଚଳରେ ଘନକୁହୁଡ଼ି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

*********************************